ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଙ୍କ କାର୍ଯ୍ୟାଳୟ, କେନ୍ଦୁଝର

( ସାଧାରଣ ଓ ବିବିଧ ଉପ-ବିଭାଗ)

***

ସଂଖ୍ୟା ୨୬୮୫ /ସା.ଉ. ବି     ତା ୩୦ / ୦୮ /୨୦୨୪ ରିଖ

## କାର୍ଯ୍ୟାଳୟ ଆଦେଶ

ବିଷୟ :- ତା୦୯.୦୯.୨୦୨୪ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ତା୧୦-୦୯-୨୦୨୪ରିଖ (ମଙ୍ଗଳବାର) ଦିନକୁ ପରିବର୍ତ୍ତନ ସମ୍ବନ୍ଧରେ ।

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ପତ୍ର ସଂଖ୍ୟା ୨୯୨୨୯/ରାଜସ୍ୱ ତା୨୯.୦୮.୨୦୨୪ରିଖ ଅନୁସାରେ ନୂଆଖାଇ ପର୍ବ ଉପଲକ୍ଷେ ଓଡିଶା ସରକାର ତା୦୯.୦୯.୨୦୨୪ରିଖ (ସୋମବାର) ଦିନକୁ ଛୁଟି ଘୋଷଣା କରି ଥିବାରୁ ଉକ୍ତ ଦିନରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସାହାରପଡ଼ା ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳ, କେନ୍ଦୁଝର ଏବଂ ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝରଙ୍କର ମିଳିତ ଜନ ଅଭିଯୋଗ ଶୁଣାଣି ତା୧୦-୦୯-୨୦୨୪ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ ।

ଜିଲ୍ଲାପାଳ, କେନ୍ଦୁଝର

ଜ୍ଞାପକ ସଂଖ୍ୟା ୨୬୮୬ / ସା.ଉ. ବି     ତା ୩୦ / ୦୮ /୨୦୨୪ ରିଖ

ଏହାର ଏକ କିତା ନକଲ ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝର ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର

ଜ୍ଞାପକ ସଂଖ୍ୟା ୨୬୮୭ / ସା.ଉ. ବି     ତା ୩୦ / ୦୮ /୨୦୨୪ ରିଖ

ଏହାର ଏକ କିତା ନକଲ ଅତିରିକ୍ତ ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡ଼ିଶା ସରକାର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର

ଜ୍ଞାପକ ସଂଖ୍ୟା ୨୬୮୮ / ସା.ଓ. ବି ତା ୩୦ / ୦୮ /୨୦୨୪ ରିଖ

ଏହାର ଏକ କିତା ନକଲ ସମସ୍ତ ବନଖଣ୍ଡ ଅଧିକାରୀ, କେନ୍ଦୁଝର ଜିଲ୍ଲା/ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦୁଝର / ସମସ୍ତ ଉପ-ଜିଲ୍ଲାପାଳ/ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ, କେନ୍ଦୁଝର/ ପ୍ରକଳ୍ପ ନିର୍ଦ୍ଦେଶକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ଏବଂ ଚମ୍ପୁଆ/ ସମସ୍ତ ତହସିଲଦାର/ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ/ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, କେନ୍ଦୁଝର/ ଜିଲ୍ଲା କଲ୍ୟାଣ ଅଧିକାରୀ, କେନ୍ଦୁଝର/ ଜିଲ୍ଲା ଶିକ୍ଷା ଅଧିକାରୀ, କେନ୍ଦୁଝର/ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, କେନ୍ଦୁଝର ଜିଲ୍ଲା/ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କେନ୍ଦୁଝର/ ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ, କେନ୍ଦୁଝର/ ଆଞ୍ଚଳିକ ପରିବହନ ଅଧିକାରୀ, କେନ୍ଦୁଝର/ ସ୍ୱତନ୍ତ୍ର ଅଧିକାରୀ, ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଗୋନାସିକା/ ସମସ୍ତ ଡେପୁଟୀ ଜିଲ୍ଲାପାଳ/ସହକାରୀ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ କାର୍ଯ୍ୟସୂଚୀ ଅନୁଯାୟୀ ମିଳିତ ଜନ ଅଭିଯୋଗ ଶୁଣାଣି ସୁରୁଖୁରୁ ରେ ସମ୍ପାଦନ ହେବା ନିମନ୍ତେ ନିଜ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବେ ।

ଜିଲ୍ଲାପାଳ, କେନ୍ଦୁଝର

ଜ୍ଞାପକ ସଂଖ୍ୟା ୨୬୮୯ / ସା.ଓ. ବି ତା ୩୦ / ୦୮ /୨୦୨୪ ରିଖ

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର/ଷ୍ଟେସନ ନିର୍ଦ୍ଦେଶକ, ଆକାଶବାଣୀ, କେନ୍ଦୁଝର/ ଜିଲ୍ଲା ସୂଚନାବିଜ୍ଞାନ ଅଧିକାରୀ, କେନ୍ଦୁଝର ଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ / ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଙ୍କ କ୍ଷିପ୍ରଲେଖକ ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର

# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

******

## ବିଜ୍ଞପ୍ତି

RDM-Reg-MISC-0018-2024- 29229 / ରାଜସ୍ୱ, ତା: 29 AUG 2024

ନୂଆଖାଇ ପର୍ବ ଉପଲକ୍ଷେ, ଓଡିଶା ସରକାର ଆଗ୍ରହର ସହିତ **ତା. ୦୯.୦୯.୨୦୨୪** ରିଖ **(ସୋମବାର)**, ଓଡିଶାର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ରାଜସ୍ୱ ଏବଂ ମ୍ୟାଜିଷ୍ଟ୍ରେରିଆଲ୍ କୋର୍ଟ (କାର୍ଯ୍ୟନିର୍ବାହୀ) ଗୁଡିକୁ ଛୁଟି ଘୋଷଣା କରିଛନ୍ତି ।

ରାଜ୍ୟପାଳଙ୍କ ଆଦେଶକ୍ରମେ

(ଦିଗନ୍ତ ରାଉତରାୟ)
ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- 29230 / ରାଜସ୍ୱ, ତା: 29 AUG 2024

ଏହାର ଏକକିତା ନକଲ ସହିତ ଅସ୍ପର୍ଶକ ନକଲ (soft copy) ବାଣିଜ୍ୟ ଓ ପରିବହନ ବିଭାଗ (ବାଣିଜ୍ୟ) ର ଗେଜେଟ୍ ସେଲ୍ କୁ ଉକ୍ତ ବିଜ୍ଞପ୍ତିକୁ ସ୍ୱତନ୍ତ୍ର ରାଜପତ୍ର (Extra-ordinary issue of the Gazette) ରେ ପ୍ରକାଶନ କରାଯିବା ପାଇଁ ପ୍ରେରଣ କରାଗଲା ଏବଂ ଏହାର ୦୫ (ପାଞ୍ଚ) ଗୋଟି ନକଲ ପଞ୍ଜୀକରଣ ଉପ-ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଚାଳନା ବିଭାଗ କୁ ଯୋଗାଇବା ନିମନ୍ତେ ଅନୁରୋଧ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- 29231 /ରାଜସ୍ୱ, ତା: 29 AUG 2024

ଏହାର ଏକକିତା ନକଲ ସମସ୍ତ ବିଭାଗ/ ସମସ୍ତ ମୁଖ୍ୟ ବିଭାଗ/ ସମସ୍ତ ରାଜସ୍ୱ ଆୟୁକ୍ତ/ ସଚିବ, ରାଜସ୍ୱ ପରିଷଦ (BoR), ଓଡିଶା, କଟକ/ ରେଜିଷ୍ଟ୍ରାର୍, ଓଡିଶା ଉଚ୍ଚ ନ୍ୟାୟାଳୟ/ ସଚିବ, ଓଡିଶା ବିଧାନ ସଭା/ ମୁଖ୍ୟ ନିର୍ବାଚନ ଅଧିକାରୀ, ଗୃହ (ନିର୍ବାଚନ) ବିଭାଗ/ ପ୍ରିନ୍ସିପାଲ୍ ରେସିଡେଣ୍ଟ୍ କମିଶନର, ଓଡିଶା ଭବନ, ନୂଆ ଦିଲ୍ଲୀ/ ସମସ୍ତ ଜିଲ୍ଲାପାଳ ଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯିବା ସହିତ ସେମାନଙ୍କ ଅଧିନିସ୍ଥ କାର୍ଯ୍ୟାଳୟ ଗୁଡିକରେ ଉକ୍ତ ବିଜ୍ଞପ୍ତି କୁ ପ୍ରସାରଣ କରିବା ପାଇଁ ନିବେଦନ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- 29232 / ରାଜସ୍ୱ, ତା: 29 AUG 2024

ଏହାର ଏକକିତା ନକଲ ରାଜ୍ୟପାଳଙ୍କ ସଚିବ, ରାଜ ଭବନ, ଭୁବନେଶ୍ୱର/ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ଙ୍କ ସଚିବ / ସମସ୍ତ ମାନ୍ୟବର ମନ୍ତ୍ରୀ ମହୋଦୟଙ୍କ ବ୍ୟକ୍ତିଗତ ସଚିବ/ ମୁଖ୍ୟ ଶାସନ ସଚିବ, ଓଡିଶା ଙ୍କ ବ୍ୟକ୍ତିଗତ ସଚିବ/ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡିଶା ଙ୍କ ବ୍ୟକ୍ତିଗତ ସଚିବ/ A.P.C. ଙ୍କ ବ୍ୟକ୍ତିଗତ ସଚିବ/ ପ୍ରଧାନ ମହାଲେଖାକାର (Accountant General), ଓଡିଶା, ଭୁବନେଶ୍ୱର/ ଉପ-A.G., ପୁରୀ, ଓଡିଶା ଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- 29233 / ରାଜସ୍ୱ, ତା: 29 AUG 2024

ଏହାର ଏକକିତା ନକଲ ସମସ୍ତ ରାଜ୍ୟ ସରକାର/ ସମସ୍ତ କେନ୍ଦ୍ରଶାସିତ ଅଞ୍ଚଳ କୁ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- 29234 / ରାଜସ୍ୱ, ତା: 29 AUG 2024

ଏହାର ଏକକିତା ନକଲ ସୂଚନା ଓ ଲୋକସମ୍ପର୍କ ବିଭାଗ/ ଷ୍ଟେସନ୍ ନିର୍ଦ୍ଦେଶକ, ଅଖିଳ ଭାରତୀୟ ରେଡିୟୋ, କଟକ/ ଷ୍ଟେସନ୍ ନିର୍ଦ୍ଦେଶକ, ଦୂରଦର୍ଶନ, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- 29235 / ରାଜସ୍ୱ, ତା: 29 AUG 2024

ଏହାର ଏକକିତା ନକଲ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଇ-ଗର୍ଭନାନ୍ସ ଉପ-ବିଭାଗକୁ ଉକ୍ତ ବିଜ୍ଞପ୍ତିକୁ ବିଭାଗର ୱେବ-ସାଇଟ୍ ରେ ଅପଲୋଡ୍ କରିବା ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଶାସନ ସଚିବ

RDM-Reg-MISC-0018-2024/1/2024